# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 19 May - 2026

***********************************

## ମୁଖ୍ୟ ସମ୍ବାଦ

- ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଆସନ୍ତା ମାସ ପହିଲାରୁ ଦେଶବ୍ୟାପୀ ଆରମ୍ଭ ହେବ 'କ୍ଷେତ ବଚାଓ' ଅଭିଯାନ; କହିଲେ କେନ୍ଦ୍ର କୃଷି ମନ୍ତ୍ରୀ
- କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିଟ୍-ୟୁଜି ପୁନଃପରୀକ୍ଷା ପ୍ରସ୍ତୁତି ନେଇ ବୈଠକ
- ଆସନ୍ତାକାଲି ପ୍ରକାଶ ପାଇବ ସି.ଏଚ.ଏସ୍.ଇ. ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷାଫଳ

ଏବଂ

- ରାଜ୍ୟରେ ବୃଦ୍ଧି ପାଉଛି ତାପମାତ୍ରା; ହୀରାକୁଦଠାରେ ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ରେକର୍ଡ

BBSR/R

# କୃଷି ସମ୍ମିଳନୀ– ଶିବରାଜ

ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀ ପରେ ଭୁବନେଶ୍ୱରରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ  ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି, ମାଟିର ସୁରକ୍ଷା ପାଇଁ ଦେଶବ୍ୟାପୀ ଆସନ୍ତା ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ 'କ୍ଷେତ୍ ବଚାଓ' ଅଭିଯାନ ଆରମ୍ଭ ହେବ। ଏଥିରେ ଚାଷୀମାନଙ୍କୁ ସନ୍ତୁଳିତ ସାର ବ୍ୟବହାର ପାଇଁ ସଚେତନ କରାଯିବ। ଏହା ସହ କେବଳ ଧାନ ବା ଗହମ ଚାଷ ନ କରି ମାଟିର ମାନ ବଜାୟ ରଖିବାକୁ କୃଷି ବିବିଧିକରଣ ଉପରେ ଗୁରୁତ୍ୱ ଦିଆଯିବ।

**- V/O -**

ଶ୍ରୀ ଚୌହ୍ୱାନ କହିଛନ୍ତି, ପ୍ରତ୍ୟେକ ଚାଷୀଙ୍କର ଏକ ସ୍ୱତନ୍ତ୍ର ଡିଜିଟାଲ ପରିଚୟପତ୍ର ପ୍ରସ୍ତୁତ କରାଯାଉଛି। ଏହା ମାଧ୍ୟମରେ ଚାଷୀଙ୍କ ଜମି, ଫସଲ, ସରକାରୀ ଯୋଜନା ଓ ଋଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହେବ।

ଏହା ପୂର୍ବରୁ କୃଷି ସମ୍ମିଳନୀରେ ଯୋଗଦେଇ ଶ୍ରୀ ଚୌହ୍ୱାନ କହିଥିଲେ, ପୂର୍ବ ଭାରତର ଉର୍ବର ଭୂମି, ପ୍ରଚୁର ଜଳସମ୍ପଦ ଏବଂ ଅନୁକୂଳ ଜଳବାୟୁ ଆଗାମୀ ଦିନରେ ଚାଷୀଙ୍କ ବିକାଶ ପାଇଁ ଏକ ଶକ୍ତିଶାଳୀ ଇନ୍ଧନ ସାଜିବ। ପ୍ରାକୃତିକ କୃଷି ଉପରେ ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ପ୍ରାକୃତିକ ଚାଷ ଦ୍ୱାରା ରାସାୟନିକ ସାରର

ଆବଶ୍ୟକତା ହ୍ରାସ ପାଇବା ସହ ମାଟିର ଉର୍ବରତା ବଜାୟ ରହିବ। ଆଗାମୀ ଦିନରେ କୃଷକଙ୍କ ସୁରକ୍ଷା ପାଇଁ ନୂଆ ପେଷ୍ଟିସାଇଡ୍ ଆକ୍ଟ ଅଣାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ରାଜ୍ୟରେ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ କିଶମର ଖାଦ୍ୟଶସ୍ୟଗୁଡ଼ିକର ପୁନରୁଦ୍ଧାର ପାଇଁ ବ୍ଲକସ୍ତରରେ ସ୍ୱତନ୍ତ୍ର ପ୍ରୟାସ କରାଯାଉଛି। ସମୃଦ୍ଧ କୃଷକ ଯୋଜନାରେ ଗତ ଖରିଫ ଋତୁରେ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଛନ୍ତି। କୋରାପୁଟ, କଳାହାଣ୍ଡି ଭଳି ୯ଟି ଜିଲ୍ଲାରେ ୧ ଲକ୍ଷ ଏକର ଜମିରେ କଫି ବଗିଚାର ବିକାଶ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମ୍ମିଳନୀରେ ୫ଟି ରାଜ୍ୟର କୃଷିର ବିକାଶ ପାଇଁ ରୂପରେଖ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଯାଇଛି।

Desk

## ନିଟ୍-ୟୁଜି

ନିଟ୍-ୟୁଜି ୨୦୨୬ ପୁନଃ ପରୀକ୍ଷା ପ୍ରସ୍ତୁତି ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଏବଂ ସ୍ୱଚ୍ଛତାର ସହ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି । ଆଲୋଚନାରେ ସମସ୍ତ ରାଜ୍ୟର ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଆରକ୍ଷୀ ଅଧିକ୍ଷକ ଏହାକୁ ତଦାରଖ କରିବେ ଏବଂ ପରୀକ୍ଷା ପ୍ରସ୍ତୁତି ନେଇ ସମ୍ପୂର୍ଣ୍ଣ ସହଯୋଗ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

I&PR

## ହସ୍ପିଟାଲ ନିର୍ମାଣ

ଭୁବନେଶ୍ୱରସ୍ଥିତ ଅନ୍ଧାରୁଆଠାରେ ଇ.ଏସ.ଆଇ. ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ 'ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ' ଏବଂ କେନ୍ଦ୍ର ସରକାରଙ୍କ 'କର୍ମଚାରୀ ରାଜ୍ୟବୀମା ନିଗମ' ମଧ୍ୟରେ ଏକ ବୁଝାମଣାପତ୍ର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ସ୍ୱାକ୍ଷରିତ ହୋଇଛି। ପ୍ରକଳ୍ପ ଅଧୀନରେ ଅନ୍ଧାରୁଆଠାରେ ସ୍ଥାୟୀ ଭିତ୍ତିଭୂମି ପ୍ରତିଷ୍ଠା ହେବାକୁ ଥିବା ବେଳେ ମେଡିକାଲ କଲେଜର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଚନ୍ଦ୍ରଶେଖରପୁରସ୍ଥିତ ଇ.ଏସ୍.ଆଇ. ହସ୍ପିଟାଲକୁ ବ୍ୟବହାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍‌ଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

I&PR

## ଭୋଟ୍ ଗଣତି ଆଲୋଚନାଚକ୍ର

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରଠାରେ ନିର୍ବାଚନ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଭୋଟ୍ ଗଣତି ଏବଂ ଫଳାଫଳ ସାରଣୀକରଣକୁ ଅଧିକ ସୁଦୃଢ଼ ଓ ତ୍ରୁଟି ଶୂନ୍ୟ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ

ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ୍' ସର୍ବୋତ୍ତମ ନିର୍ବାଚନ ପଦ୍ଧତି ଏବଂ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା କରିଥିଲେ ।

Nabarangpur

## କୋର୍ଟ ଉଦ୍‌ଘାଟନ

ନବରଙ୍ଗପୁର ଜିଲ୍ଲାର କୋଡ଼ିଙ୍ଗାଠାରେ ନୂତନ ସିଭିଲ୍ ଜଜ୍‌କୋର୍ଟ ତଥା ଜେ.ଏମ୍.ଏଫ୍.ସି. କୋର୍ଟର ଶୁଭ ଉଦ୍‌ଘାଟନ ଆଜି ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଯୋଗ ଦେଇଥିଲେ ।

Desk

## ସିଏଚ୍ଏସ୍ଇ ରେଜଲ୍ଟ

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ– ସି.ଏଚ୍.ଏସ୍.ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତାକାଲି ପ୍ରକାଶ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ମଧ୍ୟାହ୍ନ ସାଢେ ୧୨ଟାରେ ପରିଷଦ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ଗଣ୍ଡ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରିବେ ।

ଅପରାହ୍ନ ୩ଟାରେ results.orissa.gov.in ଏବଂ results.digilocker.gov.in ରେ ଲଗ୍ଇନ୍ କରି ପରୀକ୍ଷାର୍ଥୀମାନେ ପରୀକ୍ଷାଫଳ ଜାଣିପାରିବେ । ଚଳିତ ବର୍ଷ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ

ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପରୀକ୍ଷା ଦେଇଛନ୍ତି।

Desk

## ପ୍ରବେଶିକା ପରୀକ୍ଷା

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ଏନ୍.ସି.ଇ.ଆର୍.ଟି ଦ୍ୱାରା ଦେଶର ୯ଟି ଏକକ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା ପ୍ରବେଶିକା ପରୀକ୍ଷା– ସି.ଇ.ଇ.-୨୦୨୬ ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆବେଦନର ଶେଷ ତାରିଖ ଜୁନ୍ ୫ ତାରିଖ ରହିଛି। ଇଚ୍ଛୁକ ପ୍ରାର୍ଥୀମାନେ ଆବେଦନର ବିସ୍ତୃତ ସୂଚନା riebbs.ac.in ପୋର୍ଟାଲରେ ପାଇପାରିବେ।

Puri

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପନୀତି ସରିବା ପରେ ଭିତର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆରମ୍ଭ ହୋଇଛି। ଗଣତି କାର୍ଯ୍ୟ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା। ବେଳେ ଶ୍ରଦ୍ଧାଳୁମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ଚଳିତ ମାସ ୯ ଦିନ ପାଇଁ ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ କରାଯିବାକୁ ଦିନ ଧାର୍ଯ୍ୟ ହୋଇଥିବା

ବେଳେ ଗତ ୧୧ ଓ ୧୨ ତାରିଖରେ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଶେଷ ହୋଇଛି।

ଅନ୍ୟପକ୍ଷରେ ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେବ।  ବନକଲାଗି ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Kendrapra

## ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ  ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଆସନ୍ତା ବର୍ଷା ଋତୁକୁ ଦୃଷ୍ଟିରେ ରଖି ବନ୍ୟା ପରିଚାଳନା ପାଇଁ ପୂର୍ବ ପ୍ରସ୍ତୁତି, ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକର ମରାମତି ଓ ସୁରକ୍ଷା, ୨୪ ଘଣ୍ଟିଆ ସହାୟତା କେନ୍ଦ୍ର, ଦୈନିକ ରିପୋର୍ଟ ପ୍ରଦାନ ଆଦି ଉପରେ ଆଲୋଚନା ହୋଇଥିଲା।

Nayagarh

## ନିପୁଣ ଆପ୍

ନିପୁଣ ଓଡ଼ିଶା ସେଲ୍‌ର ରାଜ୍ୟ ଉପଦେଷ୍ଟା ରିଟାମନି ବୋରହା ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗସ୍ତରେ ଯାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକରେ ଯୋଗ ଦେଇଛନ୍ତି । ବୈଠକରେ ବିଦ୍ୟାଳୟର ଶୈକ୍ଷିକ ସମସ୍ୟା ‘ନିପୁଣ’ ଆପ୍ ମାଧ୍ୟମରେ ପ୍ରତ୍ୟେକ ବିଦ୍ୟାଳୟକୁ ପରିଚାଳନା କରିବା ତଥା ସର୍ବାଙ୍ଗୀନ ଶିକ୍ଷଣ ଅଭିବୃଦ୍ଧି ସଂକ୍ରାନ୍ତରେ ଆଲୋଚନା କରାଯାଇଛି ।

Kendrapara

## ପ୍ରଶିକ୍ଷଣ ମହାଅଭିଯାନ

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇଠାରେ ଦୁଇ ଦିବସୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଏବଂ ଜିଲ୍ଲା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

Nayagarh

## ଔଷଧ ଜ୍ଞାନମେଳା

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାରମ୍ପରିକ ଔଷଧ ଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ୫୦ରୁ ଅଧିକ ଷ୍ଟଲ୍‌ରେ ବିଭିନ୍ନ ଚେରମୂଳି ଆୟୁର୍ବେଦ ଔଷଧ ଏବଂ ଚିକିତ୍ସା ପ୍ରଣାଳୀ ସଂକ୍ରାନ୍ତରେ ପ୍ରଚାର ଓ ପ୍ରସାର କରାଯାଇଛି ।

# ଏସ୍ଆଇଆର୍ ବୈଠକ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର୍ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଗଞ୍ଜାମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର୍ ବୈଠକ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଆସନ୍ତାକାଲିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହେବ ବୋଲି ଜଣାପଡ଼ିଛି । ବୈଠକରେ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା, ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ୍ ଦେବା, ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଭୋଟର ତାଲିକ ସଂଶୋଧନକୁ ସ୍ୱଚ୍ଛ ଏବଂ ତ୍ରୁଟି ଶୂନ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଘନ ସଂଶୋଧନ– ଏସ୍.ଆଇ.ଆର୍ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ.ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍.ଆଇ.ଆର କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

Desk

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଏବଂ ଗୁଳୁଗୁଳି ଜାରି ରହିଛି । ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିବା ସୂଚନା ଆମର ହସ୍ତଗତ ହୋଇଛି । ସମ୍ବଲପୁରର ହୀରାକୁଦଠାରେ ଆଜି ଅପରାହ୍ନ ୨ଟା ୩୦ ମିନିଟ୍ ସୁଦ୍ଧା ରାଜ୍ୟର ସର୍ବାଧିକ ତାପମାତ୍ର ୪୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।

କାଳବୈଶାଖୀର ପ୍ରଭାବରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଝଡ଼ବର୍ଷାର ସମ୍ଭାବନା ଥିବାରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ, ମୌସୁମୀବାୟୁ ଚଳିତମାସ ଶେଷ ସୁଦ୍ଧା କେରଳମ୍‌ରେ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଛି ବୋଲି  ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।